# Akashvani, Sambalpur

## SAMBALPURI NEWS EVENING BULLETIN

## 21 March 2024- 7.02 pm- 7.12 pm.

*********************************************

୧- ନିର୍ବାଚନ୍ କାମ୍‌ଥି ନିୟୋଜିତ ଥିବା ଡ୍ରାଇଭର୍, କଣ୍ଡକ୍ଟର୍ ଆର୍ କ୍ଲିନର୍ ପୋଷ୍ଟାଲ୍ ବାଲାଟ୍ ଜରିଏ ଦେଇପାର୍‌ବେ ଭୋଟ୍ ।

୨- ସୁପ୍ରିମକୋର୍ଟ ନ ଅସହାୟ ମାନ୍‌କୁ ଆଇନ୍ ସାହାଜ୍ ଯୁଗେଇ ଦେବାର୍‌କେ ମୁଲ୍ ହେଲା ହେଲ୍ପ ଡେସ୍କ ।

୩- ଆଏବା କାଏଲ୍‌ଠାନୁ ୨ ଟା ଖେପେ ଯୁକ୍ତ ଦୁଇ ପରୀକ୍ଷା ଖାତାସୁଧା ହେବା ମୁଲ୍ ।

ଆଉର୍

୪- ମୁନୁଷ୍ ଜୀବନ୍‌ଥି ଜଙ୍ଗଲ୍‌ର ମହତ୍ତ୍ୱକେ ବୁଝାବାର୍ ଲାଗି ସାରା ପୁର୍‌ଥି ନ ପାଲନ୍ କରାଯାଉଛେ ବିଶ୍ୱ ଆନ୍ତର୍ଜାତୀକ ଜଙ୍ଗଲ୍ ଦିବସ୍ ।

ପୋଷ୍ଟାଲ୍ ବାଲାଟ୍ ଆର୍ଏନ୍ୟୁ/ ସମ୍ବଲପୁର

ନିର୍ବାଚନ୍ କାମ୍‌ଥି ନିୟୋଜିତ ହେଇଥିବା ଡ୍ରାଇଭର୍, କଣ୍ଡକ୍ଟର୍ ଆର୍ କ୍ଲିନର୍‌ମାନେ ପୋଷ୍ଟାଲ୍ ବାଲାଟ୍ ଜରିଏ ଭୋଟ୍ ଦେଇପାର୍‌ବେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ମିଲିଛେ । ଇଥିର୍‌ଲାଗି ଫି ଜିଲ୍ଲା ନ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଝନେ ନୋଡ଼ାଲ୍ ଅଧିକାରୀଙ୍କୁ ମନୋନୀତ୍ କର୍‌ବେ । ଯେନ୍ ଡ୍ରାଇଭର୍, କଣ୍ଡକ୍ଟର୍ ଆର୍ କ୍ଲିନର୍‌ମାନେ ନିର୍ବାଚନ୍ କାମ୍‌ଥି ସାମିଲ୍ ହେଇଥିବେ ସେମାନ୍‌କର୍ ମତଦାନ୍ ବାବଦ୍ ତଥ୍ୟ ନୋଡ଼ାଲ୍ ଅଧିକାରୀ ସୁନିଶ୍ଚିତ୍ କର୍‌ବେ । ଇତାର୍‌ସହେତେ ନୋଡ଼ାଲ୍ ଅଧିକାରୀ ପୋଷ୍ଟାଲ୍ ବାଲାଟ୍ ଜରିଏ ମତଦାନ୍ ଲାଗି ଫର୍ମ -୧୨ ଥି ଦର୍‌କାରୀ ତଥ୍ୟ ପୂରଣ୍ କରିକରି ସେମାନ୍‌କର୍ ନିର୍ବାଚନ୍ ମଣ୍ଡଲୀର୍ ରିଟର୍ଣ୍ଣିଂ ଅଫିସର୍‌ଙ୍କୁ ୭ ଦିନ୍ ଆଘୋନୁ ପଠାବେ । ସେଆଡ଼େ ଭାରତ୍‌ର ନିର୍ବାଚନ୍ କମିଶନ୍ ପ୍ରାଧିକୃତ ସାମ୍ବାଦିକ୍‌ମାନ୍‌କୁ ପହେଲାଥର୍ ଲାଗି ପୋଷ୍ଟାଲ୍ ବାଲାଟ୍ ଜରିଏ ମତଦାନ୍ କର୍‌ବାର୍‌କେ ଅଧିକାର୍ ଦେଇଛନ୍ । ସାମ୍ବାଦିକ୍‌ମାନେ ନିଜର୍ ନିର୍ବାଚନ୍ ମଣ୍ଡଲୀନୁ ଦୂରେ ରହିକରି ସେମାନ୍‌କର୍ କାମ୍ କର୍‌ବାର୍ ସାଙ୍ଗେ ସାଧାରଣ ନିର୍ବାଚନ୍‌ଥି ମତଦାନ୍ କରିପାର୍‌ବେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାର ଧଲ କହିଛନ୍ ।

ଅଣକେଡ଼ର୍ ଅଧିକାରୀଙ୍କର୍ ବଦ୍‌ଲି ଆର୍ଏନ୍ୟୁ/

ଓଡ଼ିଶା ସହେତେ ପଶ୍ଚିମବଙ୍ଗ୍, ପଞ୍ଜାବ୍, ଗୁଜୁରାତ୍ ବାଗିର୍ ୪ ଟା ରାଏଜେ  ଜିଲ୍ଲା ମାଜିଷ୍ଟ୍ରେଟ୍ ଆର୍ ଏସ୍.ପି. ପାହ୍ୟାର୍ କେତେଝନ୍ ଅଣକେଡ଼ର୍ ଅଧିକାରୀମାନ୍‌କୁ ନିର୍ବାଚନ୍ ଆୟୋଗ୍ ବଦ୍‌ଲି ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ପୂର୍ଣ୍ଣାଙ୍ଗ ନିର୍ବାଚନ୍ କମିଶନ୍ ଦଲର୍ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଓଡ଼ିଶାର୍ ଢେଙ୍କାନାଲ୍ ଜିଲ୍ଲାପାଲ୍, ଦେବ୍‌ଗଡ଼୍ ଆର୍ କଟକ୍ ଗ୍ରାମାଂଚଲ୍ ଏସ୍.ପି.ଙ୍କୁ ନିର୍ବାଚନ୍ ଆଘୋନୁ ବଦ୍‌ଲି ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ବଦ୍‌ଲି ଆଦେଶ୍‌କେ ତୁର୍‌ତି କାର୍ଯ୍ୟକାରୀ କର୍‌ବାର୍ ଲାଗି ନିର୍ବାଚନ୍ କମିଶନ୍ ସମ୍ପୃକ୍ତ ରାଜ୍ୟ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବେଙ୍କିଙ୍ଗ୍ ସେବା　　　　　　　　ଆର୍‌ଏନ୍‌ୟୁ / କଟକ୍

ଚଲ୍‌ତି ଆର୍ଥିକ୍ ବଛରର୍ ଶେଷ୍ ଦିନ ମାର୍ଚ୍ଚ ୩୧ ତାରିଖ୍ ରଏବାର୍ ପଡୁଥିଲେ ଭିଲ୍ ଦେଶର୍ ସବୁ ବେଙ୍କ୍ ଖୁଲା ରହେବା ବଲି ଭାରତୀୟ ରିଜର୍ଭ ବେଙ୍କ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । କେନ୍ଦ୍ରୀୟ ବେଙ୍କ୍ ଇ ବାବ୍‌ଦେ ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରିକରି କହିଛେ ଯେ, ସର୍‌କାର୍‌ଙ୍କର୍ ରସିଦ୍ ଆର୍ ଦେୟ ଲେନ୍‌ଦେନ୍ କାର୍‌ବାର୍‌କେ ନଜର୍‌ଥି ରଖିକରି ଇ ପଦକ୍ଷେପ୍ ନିଆଯାଇଛେ ।

କଲାହାଣ୍ଡି- ସାଧାରଣ ନିର୍ବାଚନ୍　　　　କଲାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ନ ମେ ମାସର୍ ୧୩ ତାରିଖ୍ ଦିନ ଭୋଟ୍ ହେବା । ଜିଲ୍ଲାର୍ ଗୁଟେ ଲୋକ୍‌ସଭା ଆର୍ ୭ ଟା ବିଧାନ୍‌ସଭା ଆସନ୍ ଲାଗି ୧ ହଜାର୍‌ନୁ ଅଏତ୍‌କା ଭୋଟ୍ ଗ୍ରହଣ୍ କେନ୍ଦ୍ର କରାଯାଇଛେ । ଜିଲ୍ଲା ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଜିଲ୍ଲାର୍ ୧୧ ଲାଖ୍ ୯୯ ହଜାର୍ ୩ ଶହ ୮ ଝନ୍ ଭୋଟର୍ ଭୋଟ୍ ଦେବେ । ସେମାନ୍‌କର୍ ଭିତ୍‌ରୁ ୬ ଲାଖ୍ ୧ ହଜାର୍ ୬ ଶହ ୬୬ ଝନ୍ ପୁରୁଷ, ୫ ଲାଖ୍ ୯୭ ହଜାର୍ ୯ ଶହ ୭୩ ଝନ୍ ମହିଲା ଆର୍ ଅଣସ୍ତୋର୍ ଝନ୍ ଉନିଆଁ ବର୍ଗର୍ ଭୋଟର୍ ରହିଛନ୍ । ଚଲ୍‌ତି ନିର୍ବାଚନ୍‌ଥି ଜିଲ୍ଲାର୍ ୩୪ ହଜାର୍‌ନୁ ଅଏତ୍‌କା ଝନ୍ ନୂଆଁ ଭୋଟର୍ ସାମିଲ୍ ହେଇଥିବାର୍ ସୂଚ୍‌ନା ମିଲିଛେ । ଇ ବାବ୍‌ଦେ ଆମର୍ କଳାହାଣ୍ଡି ସମ୍ବାଦଦାତା କହିଛନ୍...

(ଭଏସ୍ ଓଭର୍- କଳାହାଣ୍ଡି ସମ୍ବାଦଦାତା)

ଆକ୍ସେସିବିଲିଟି ହେଲ୍ପ ଡେସ୍କ-ସୁପ୍ରିମ୍‌କୋର୍ଟ

ଆର୍‌ଏନ୍‌ୟୁ/ କଟକ୍

ସୁପ୍ରିମ୍‌କୋର୍ଟର ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୂଡ଼ ସୁପ୍ରିମ୍‌କୋର୍ଟ ନ ଆକ୍ସେସିବିଲିଟି ହେଲ୍ପ ଡେସ୍କ ଆଏକ୍ ଉଦ୍‌ଘାଟନ୍ କରିଛନ୍ । ସାମ୍ବାଦିକ୍ ମାନ୍‌କର୍ ପ୍ରଶ୍ନର୍ ଉତର୍‌ଥି ପ୍ରଧାନ୍ ବିଚାର୍‌ପତି କହିଛନ୍ ଯେ, ସୁପ୍ରିମ୍‌କୋର୍ଟଙ୍କର୍ ମିଶନ୍ ଅନ୍‌ସାରେ

ଇ ହେଲ୍ପ ଡେସ୍କ ଖୁଲାଯାଇଛେ । ଅସହାୟ ଲୋକ୍‌ମାନ୍‌କୁ ସୁପ୍ରିମ୍‌କୋର୍ଟର ନ୍ୟାୟିକ ସହାୟତା ଦେବାର୍‌ଟାକେ ସରଲ୍ କର୍‌ବାର୍ ଲାଗି ଜଷ୍ଟିସ୍ ରବୀନ୍ଦ୍ର ଭଟ୍ଟଙ୍କର୍ କମିଟି ଇଟାକେ ସୁପାରିଶ୍ କରିଥିଲେ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼୍ ଆହୁରି କହିଛନ୍ ଯେ, ହେଲ୍ପ ଡେସ୍କ ଜରିଏ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଆର୍ ଖାସ୍ ସହାୟତା ଦର୍‌କାର୍ କରୁଥିବା ଲୋକ୍‌ମାନେ ଇତାର୍ ସୁଫଲ୍ ପାଇପାର୍‌ବେ ।

ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା ଆର୍‌ଏନ୍‌ୟୁ /କଟକ୍

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ- ସିଏଚ୍‌ଏସ୍‌ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷା ଗଲାକାଏଲ୍ ସରିଛେ । ଆଏବା କାଏଲ୍‌ନୁ ଖାତା ଦେଖା ମୁଲ୍ ହେବା । ଇ ବାବ୍‌ଦେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ-ସିଏଚ୍‌ଏସ୍‌ଇ ତର୍‌ଫୁ ସବୁ ପ୍ରକାର୍‌ର ପ୍ରସ୍ତୁତି କରାଯାଇଛେ । ପହେଲା ଖେପେ ମାର୍ଚ୍ଚ ୨୨ ତାରିଖ୍‌ନୁ ଏପ୍ରିଲ୍ ୨ ଆର୍ ୨ ନମ୍ବର୍ ଖେପେ ଏପ୍ରିଲ୍ ୪ ନୁ ୧୫ ତାରିଖ୍‌ତକ୍ ଖାତାଦେଖା ହେବା । ଇଥିର୍‌ଲାଗି ପହେଲା ଖେପେ ୬ ହଜାର୍ ୫ ଶହ ଝନ୍ ଆର୍ ୨ ନମ୍ବର୍ ଖେପେ ୪ ହଜାର୍ ଶିକ୍ଷକ୍ ଶିକ୍ଷୟିତ୍ରୀ ଖାତା ସୁଧା କାମେ ନିୟୋଜିତ ହେବେ ବଲି ପରିଷଦ୍ କର୍ତ୍ତୃପକ୍ଷ କହିଛନ୍ । କଳା, ବିଜ୍ଞାନ୍ ଆଉ ବାଣିଜ୍ୟ ବିଭାଗ୍‌ର ପରୀକ୍ଷା ଖାତା ଅନ୍‌ଲାଇନ୍ ଆର୍ ଧନ୍ଦାମୂଳକ୍ ଶିକ୍ଷାର୍ ମୂଲ୍ୟାୟନ ଅଫ୍‌ଲାଇନ୍ ଜରିଏ ହେବା । ଇ ବଛର୍ ୩ ଲାଖ୍ ୮୬ ହଜାର୍ ୨ ଶହ ୫୦ ଝନ୍

ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷା ଦେଇଛନ୍ । ଆଏବା ମେ ୧୫ ତାରିଖ୍‌ତକ୍ ପରୀକ୍ଷାଫଲ୍ ବାହାର୍ କର୍‌ବାର୍‌କେ ସିଏଚ୍‌ଏସ୍‌ଇ ତର୍‌ଫୁ ସମିଆ ଧାରିଜ୍ କରାଯାଇଛେ ।

ନିଟ୍ -ପିଜି-୨୦୨୪ ପରୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ନିଟ୍ ପିଜି ପରୀକ୍ଷା- ୨୦୨୪ ଆଏବା ଜୁନ୍ ମାସ ୨୩ ତାରିଖ୍ ଦିନ ହେବା । ଇ ବାବ୍‌ଦେ ନେସ୍‌ନାଲ୍ ମେଡ଼ିକାଲ୍ କମିଶନ୍- ଏନ୍‌ଏମ୍‌ସି ତର୍‌ଫୁ ସୂଚ୍‌ନା ମିଲିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ପରୀକ୍ଷାଫଲ୍ ଜୁଲାଇ ୧୫ ତାରିଖ୍ ଦିନ ବାହାର୍‌ବା । ସେନ୍ତା କାଉନ୍‌ସେଲିଂ ପ୍ରକ୍ରିୟା ଅଗଷ୍ଟ ୫ ତାରିଖ୍‌ନୁ ମୁଲ୍ ହେବା । ଇତାର୍‌ଉତ୍‌ରୁ ସେପ୍ଟେମ୍ବର୍ ୧୬ ତାରିଖ୍‌ନୁ ଶିକ୍ଷା ବର୍ଷ ମୁଲ୍ ହେବା ବଲି ସୂଚ୍‌ନା ମିଲିଛେ ।
ଇନ ଜନେଇ ଦିଆଯାଇପାରେ ଯେ, ନିଟ୍ ପିଜି ପରୀକ୍ଷା ଜୁଲାଇ ମାସର୍ ୩ ତାରିଖ୍ ଦିନ ହେବାର୍ ଥିଲା । ହେଲେ ସାଧାରଣ ନିର୍ବାଚନ୍‌କେ ନଜର୍‌ଥି ରଖିକରି ଇ ପରୀକ୍ଷାକେ ଘୁଂଚେଇ ଦିଆଯାଇଛେ ।

ଆନ୍ତର୍ଜାତିକ୍ ଜଙ୍ଗଲ୍ ଦିବସ୍

ଆର୍‌ଏନ୍‌ୟୁ ସମ୍ବଲପୁର୍/ ବଲାଙ୍ଗିର/ ବୌଦ୍ଧ

ମୁନୁଷ୍ ଜୀବନ୍ଥି ଜଙ୍ଗଲ୍‌ର ମହତ୍ୱକେ ବୁଝାବାର୍ ଲାଗି ଆଏଜ୍ ସାରା ପୁର୍ଥି ନ ଆନ୍ତର୍ଜାତିକ ଜଙ୍ଗଲ୍ ଦିବସ୍ ପାଲନ୍ କରାଯାଉଛେ । ଜଙ୍ଗଲ୍ ବିନା ଜୀବନ୍ ଅସମ୍ଭବ୍ ଆଏ । ହେଲେ ଗଲା କିଛି ବଛର ହେଲା ଜଙ୍ଗଲ୍ ସରିସରି ଯାଉଥିବାର୍‌ନୁ ଜଲ୍‌ବାୟୁ ପରିବର୍ତନ୍, ମାଟିର୍ ନୁକ୍‌ସାନ୍ ହେବାର୍ ସହେତେ ବନ୍ୟା, ବାତ୍ୟା ଆର୍ ମରୁଡ଼ି ବାଗିର୍ ସମସ୍ୟା ଦେଖାଦେଉଛେ । ଗୁଟେ ଆକଲନ୍ ଅନ୍‌ସାରେ ପୁର୍‌ଥିର୍ ପାଖାପାଖି ୮୦ ପ୍ରତିଶତ୍ ଜଙ୍ଗଲ୍ ସରିଗଲାନ । ଜଙ୍ଗଲ୍ ନୁକ୍‌ସାନ୍‌ର ହାର କମ୍‌ବାର୍ ବଦ୍‌ଲା ଦିନ୍‌କେ ଦିନ୍ ଅଏତ୍‌କା ଜଙ୍ଗଲ୍‌କେ ନୁକ୍‌ସାନ୍ କରାଯାଉଛେ । ଜଙ୍ଗଲ ନିଅାଁ ଲାଗି ବନ୍ୟସମ୍ପଦ୍ ଆର୍ ଜୀବ୍‌ଜନ୍ତୁ ଧ୍ୱଂସ ହେଉଯାଉଛନ୍ । ଯେନ୍‌ଥିର୍ ପ୍ରଭାବ୍ ଜୈବ ବିବିଧତା ଉପ୍‌ରେ ପଡୁଛେ । ଜଙ୍ଗଲ୍ ସମ୍ପଦ୍‌ର ସୁରକ୍ଷା, ସଂରକ୍ଷଣ୍ ଆର୍ ପୁନରୁଦ୍ଧାର୍‌କେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୧୨ ମସିହା ନଭେମ୍ବର୍ ୨୮ ତାରିଖ୍ ଜାତିସଂଘ ତର୍‌ଫୁ ଆନ୍ତର୍ଜାତୀୟ ଜଙ୍ଗଲ୍ ଦିବସ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ପରିବେଶ୍‌ର ସନ୍ତୁଳନ ରକ୍ଷା କର୍‌ବାର୍, ଜଲ୍‌ବାୟୁ ପରିବର୍ତନ୍‌କେ ରୁକ୍‌ବାର୍ ସହେତେ ଜୀବନ୍‌କେ ସୁନ୍ଦର୍ କର୍‌ବାର୍‌କେ ନୂଆଁ ଜଙ୍ଗଲ୍ ସୃଷ୍ଟି ଲାଗି ଚାରା ଲଗାବାର୍‌ଟା ଗୁଟେ ନ ରାସ୍ତା ଆଏ ବଲି ଆଝିର୍ ଦିନେ ସଭେ ଶପଥ୍ ନେବାର୍ କଥା ।

ଇ ଅବସରେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ରାଜ୍ୟସ୍ତରୀୟ ବିଶ୍ୱ ଜଙ୍ଗଲ୍ ଦିବସ୍ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁଙ୍କର୍ ଅଧ୍ୟକ୍ଷତାଥି ପାଲିତ ହେଇଯାଇଛେ । ପ୍ରଗତି ଆଉ ପ୍ରକୃତି ର ସନ୍ତୁଲନ୍ ରକ୍ଷା କରିକରି ଆମ୍‌କୁ ଆଗ୍‌କେ ବଢ଼୍‌ବାର୍‌କେ ହେବା । ଇ ଗୁରୁଦାୟିତ୍ୱକେ ବିଭାଗୀୟ ଅଧିକାରୀ ଆର୍ କର୍ମଚାରୀମାନେ ବୈଷୟିକ ଜ୍ଞାନ୍‌କୌଶଲ୍‌ର ବେଭାର୍ କରିକରି ଠିକ୍ ଭାବେ ପାଲନ୍ କର୍‌ବାର୍ କଥା ବଲି ଶ୍ରୀ ସାହୁ କହିଛନ୍ । ବିଭାଗ୍ ତର୍‌ଫୁ ଓଡ଼ିଶାର୍ ବନ୍ୟଜନ୍ତୁ, ନନ୍ଦନ କାନନ, ଇକୋ ଟୁରିଜମ୍, ଔଷଧୀୟ ବୃକ୍ଷ ଆର୍ ଜଙ୍ଗଲ୍ ବିଭାଗ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌କେ ନେଇକରି ଗୁଟେ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ୍ କରାଯାଇଛେ ।

ବଲାଙ୍ଗିର୍ ଜିଲ୍ଲା ନ ବିଶ୍ୱ ଜଙ୍ଗଲ୍ ଦିବସ୍ ଅବ୍‌ସରେ ଜିଲ୍ଲାପାଲ୍ ଗୌରବ୍ ଶିବାଜୀ ଇସାଲ୍‌ୱାର୍ ଙ୍କର୍ ଅଧ୍ୟକ୍ଷତାଥି ଗୁଟେ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜଙ୍ଗଲ୍ ସଂରକ୍ଷଣ୍ ଆର୍ ବନୀକରଣ୍ ଉପ୍‌ରେ ଗୁରୁତ୍ୱ ଦେବାର୍ ସହେତେ ସବ୍‌କିରର୍ ସହଯୋଗ୍ ଦର୍‌କାର୍ ବଲି ଜିଲ୍ଲାପାଲ୍ ଆହ୍ୱାନ୍ ଦେଇଥିଲେ ।

ସେନ୍ତା ବୌଦ୍ଧ ଜିଲ୍ଲା ବୀର୍ ନରସିଂହପୁର୍ ଠାନେ ବୌଦ୍ଧ ବନଖଣ୍ଡ ତର୍‌ଫୁ ବିଶ୍ୱ ଜଙ୍ଗଲ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଗଛ ଜଗାବାର୍, ଗଛ୍‌କେ ବଁଚାବାର୍ ଆର୍ ଗଛର୍

ପୂଜା କର୍‌ବାର୍ ସହେତେ ଜଙ୍ଗଲ୍‌କେ ନିଆଁ ଦାଉନୁ ରକ୍ଷା କର୍‌ବାର୍ ଲାଗି ଅତିଥି ମାନେ କହିଥିଲେ ।

ଧାନ୍‌ବିକା- ଚାଷୀ ପଞ୍ଜିକରଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରବି ଧାନ୍ ସଂଗ୍ରହ ଲାଗି ରାଏଜେ ଚାଷୀ ପଞ୍ଜିକରଣ୍ କାମ୍‌କେ ଇ ମାସର୍ ୨୭ ତାରିଖ୍‌ତକ୍ ବଢ଼ାଯାଇଛେ । ଏଛେନ୍‌ତକ୍ ୧ ଲାଖ୍ ୮୪ ହଜାର୍ ୩ ଶହ ୭୨ ଝନ୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ । ଯେନ୍‌ଟା ଗଲାବଛର୍‌ନୁ ବହୁତ୍ କମ୍ ଆଏ ବଲି ଜନାପଡ଼ିଛେ । ହେଥିର୍‌ଲାଗି ଚାଷୀମାନ୍‌କୁ ନାଁ ପଞ୍ଜିକରଣ୍ ଲାଗି ତହଁକାବାର୍‌କେ ୧୭ ଟା ଜିଲ୍ଲାର୍ ୧୪ ଝନ୍ ଡିଆର୍‌ସିଏସ୍‌ଙ୍କୁ ସମବାୟ ନିବନ୍ଧକ୍ ଚିଠି ଲେଖିକରି ଜନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ନାଁ ପଞ୍ଜିକରଣ୍ ଲାଗି ୨୦ ତାରିଖ୍‌ତକ୍ ସମିଆ ଧାରିଜ୍ କରାଯାଇଥିଲା ।